# NATIONAL NEWS BULLETIN (ODIA)

## 30 September - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ରରେ ୧୧ହଜାର ୨୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଗତକାଲି ଆଭାସୀ ମାଧ୍ୟମରେ ଉଦ୍‌ଘାଟନ ଓ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଜାମ୍ମୁ-କାଶ୍ମୀରର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ଆସନ୍ତାକାଲି ୪୦ଟି ବିଧାନସଭା ମଣ୍ଡଳୀ ପାଇଁ ଅନୁଷ୍ଠିତ ହେବ ମତଗ୍ରହଣ ।

- ଆଜିଠାରୁ ୪ଦିନିଆ ଭାରତ ଗସ୍ତରେ ଆସୁଛନ୍ତି ଜାମାଇକା ପ୍ରଧାନମନ୍ତ୍ରୀ ଡକ୍ଟର ଆଣ୍ଡ୍ରୁ ହୋଲ୍‌ନେସ୍ ।

- ୟେମେନ୍‌ର ହୁତୀ ଆଡ୍ଡାସ୍ଥଳକୁ ଲକ୍ଷ୍ୟ କରି ଇସ୍ରାଏଲର ଆକାଶମାର୍ଗରୁ ଆକ୍ରମଣ ।

ଏବଂ

- ହକି ଭାରତ କନିଷ୍ଠ ମହିଳା ଜାତୀୟ ଚାମ୍ପିୟନସିପ୍ ୨୦୨୪ର ଚତୁର୍ଦ୍ଦଶ ସଂସ୍କରଣ ଆଜିଠାରୁ ଆରମ୍ଭ ।

# ମହାରାଷ୍ଟ୍ର – ପିଏମ୍ ପ୍ରୋଜେକ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ମହାରାଷ୍ଟ୍ରରେ ୧୧ହଜାର ୨୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ କରିଛନ୍ତି । ପୁଣେ ମେଟ୍ରୋ ସେକ୍ସନର ଜିଲ୍ଲା କୋର୍ଟଠାରୁ ସ୍ୱରଗେଟ୍ ପର୍ଯ୍ୟନ୍ତ ରେଳଲାଇନ୍‌ର ଲୋକାର୍ପଣ ହୋଇଛି । ଏହି ଭୂତଳ ରେଳଲାଇନ୍ ନିର୍ମାଣ ପାଇଁ ପାଖାପାଖି ୧ହଜାର ୮୧୦କୋଟି ଟଙ୍କା ବ୍ୟୟ ହୋଇଛି । ଏଥିସହ ପୁଣେ ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇଛି ।

ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆକାଶବାଣୀ ସମ୍ବାଦଦାତା କହିଛନ୍ତି ଏହି ପ୍ରକଳ୍ପର ସ୍ୱରଗେଟ୍ କଟରାଜ ରେଳ ଲାଇନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିପାଇଁ ପ୍ରାୟ ୨ହଜାର ୯୫୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ୫ ଦଶମିକ ୪/୬ କିଲୋମିଟର ଦୀର୍ଘ ଏହି ଭୂତଳ ରେଳପଥରେ ମାର୍କେଟ୍‌ୟାର୍ଡ, ପଦ୍ମାବତୀ ଏବଂ କଟରାଜଠାରେ ୩ଟି ଷ୍ଟେସନ ରହିବ । ଜାତୀୟ ଶିଳ୍ପ କରିଡର ବିକାଶ କାର୍ଯ୍ୟକ୍ରମ ଅଧୀନରେ ୭ହଜାର ୮୫୫ ଏକର ପରିମିତ ବିଡ୍‌କିନ ଶିଳ୍ପାଞ୍ଚଳକୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଦିଲ୍ଲୀ-ମୁମ୍ବାଇ ଶିଳ୍ପ କରିଡର ମଧ୍ୟରେ ବିକଶିତ ଏହି ପ୍ରକଳ୍ପ ମରାଠାୱାଡା ଅଞ୍ଚଳରେ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବ ।

୩ଟି ପର୍ଯ୍ୟାୟରେ ଏହି ପ୍ରକଳ୍ପର ବିକାଶ କରି ମୋଟ୍ ୬ହଜାର ୪୦୦ କୋଟିରୁ ଅଧିକ ଟଙ୍କା ଅନୁମୋଦନ କରାଯାଇଛି । ପ୍ରଧାନମନ୍ତ୍ରୀ ସୋଲାପୁର ବିମାନବନ୍ଦରକୁ ଉଦ୍‌ଘାଟନ କରିଛନ୍ତି । ଏହି ବିମାନବନ୍ଦର ସୋଲାପୁରରେ ପର୍ଯ୍ୟଟନ ତଥା ଅନ୍ୟାନ୍ୟ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିବ । ବାର୍ଷିକ ପ୍ରାୟ ୪ଲକ୍ଷରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ସେବା ପ୍ରଦାନ କରିବା ଲାଗି ଏହି ବିମାନ ବନ୍ଦରର ଟର୍ମିନାଲ ବିଲ୍‌ଡିଂର ନବୀକରଣ କରାଯାଇଛି । ଭିଡେଓ୍ୱାଡାଠାରେ କ୍ରାନ୍ତିଜ୍ୟୋତି ସାବିତ୍ରିବାଇ ଫୁଲେଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଷ୍ଠା ହେବାକୁ ଥିବା ପ୍ରଥମ ବାଳିକା ବିଦ୍ୟାଳୟର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି । ସେହି ବିଦ୍ୟାଳୟରେ ଏକ ଦକ୍ଷତା ବିକାଶ କେନ୍ଦ୍ର, ଲାଇବ୍ରେରୀ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧାସୁଯୋଗ ରହିଛି ।

## ଜେକେ-ପୋଲ୍ ଆରେଞ୍ଜମେଣ୍ଟ

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନରେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଗ୍ରହଣ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଶାନ୍ତିପୂର୍ଣ୍ଣ ଏବଂ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ଲକ୍ଷ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏହି ପର୍ଯ୍ୟାୟରେ ଆସନ୍ତାକାଲି ୭ଟି ଜିଲ୍ଲାର ୪୦ଟି ବିଧାନସଭା ମଣ୍ଡଳୀ ପାଇଁ ମତଗ୍ରହଣ କରାଯିବ । ସେଥିମଧ୍ୟରେ କାଶ୍ମୀର ଅଞ୍ଚଳର ୧୬ଟି ଏବଂ ଜାମ୍ମୁ ଅଞ୍ଚଳର ୨୪ଟି ବିଧାନସଭା ଆସନ ରହିଛି । ଏହି ପର୍ଯ୍ୟାୟରେ ଅଣଚାଳିଶ ଲକ୍ଷ ୧୮ହଜାରରୁ ଅଧିକ ଭୋଟର ୪୧୫ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ

ନିର୍ଦ୍ଧାରଣ କରିବେ । ମତଗ୍ରହଣ ସକାଳ ୭ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ ।

୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଥିବା ଜାମ୍ମୁକାଶ୍ମୀର ବିଧାନସଭା ନିର୍ବାଚନରେ ପ୍ରଥମ ପର୍ଯ୍ୟାୟାରେ ୬୧ପ୍ରତିଶତ ମତଦାତା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୫୬ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ । ଆସନ୍ତା ୮ ତାରିଖ ଦିନ ଭୋଟ୍‌ଗଣତି ସହ ଫଳାଫଳ ଘୋଷଣା କରାଯିବ ।

# ଜାମାଇକା ପିଏମ୍ ଭିଜିଟ୍

ଜାମାଇକା ପ୍ରଧାନମନ୍ତ୍ରୀ ଡକ୍ଟର ଆଣ୍ଡ୍ର୍ୟୁ ହୋଲ୍‌ନେସ୍ ଆଜିଠାରୁ ୪ଦିନିଆ ଭାରତ ଗସ୍ତରେ ଆସିବେ । ଏହା ହେଉଛି ତାଙ୍କର ପ୍ରଥମ ଭାରତ ଗସ୍ତ ଏବଂ ଜାମାଇକା ପ୍ରଧାନମନ୍ତ୍ରୀଙ୍କର ପ୍ରଥମ ଦ୍ୱିପାକ୍ଷିକ ଭାରତ ଗସ୍ତ । ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଡକ୍ଟର ହୋଲ୍‌ନେସ୍ ଭାରତରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜାମାଇକା ପ୍ରତିପକ୍ଷ ବିଭିନ୍ନ ବହୁପକ୍ଷୀୟ ବୈଠକ ଅବସରରେ ଅନେକଥର ପରସ୍ପର ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ହୋଲ୍‌ନେସ୍ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନା କରିବେ । ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ସହ ମଧ୍ୟ ତାଙ୍କର ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଜାମାଇକା ପ୍ରଧାନମନ୍ତ୍ରୀଙ୍କ ଏହି

ଗସ୍ତ ଅବସରରେ ଦ୍ୱିପାକ୍ଷିକ ସହଯୋଗକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ଆଶା କରାଯାଉଛି ।

ଭାରତ ଓ ଜାମାଇକା ମଧ୍ୟରେ ଦୃଢ଼ ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ରହିଛି । ପ୍ରଧାନମନ୍ତ୍ରୀ ଡକ୍ଟର ହୋଲ୍‌ନେସ୍‌ଙ୍କ ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ଅର୍ଥନୈତିକ ସହଯୋଗ ବୃଦ୍ଧି କ୍ଷେତ୍ରରେ ସହାୟକ ହେବ ବୋଲି ଆଶା କରାଯାଉଛି ।

## ବିଦେଶୀ ପୁଞ୍ଜିନିବେଶ

ଭାରତୀୟ ଇକ୍ୱିଟି ବଜାରରେ ଚଳିତ ମାସ ଏପର୍ଯ୍ୟନ୍ତ ବିଦେଶୀ ପୁଞ୍ଜିନିବେଶ ୫୭ହଜାର ୩ଶହ ଅଣଷଠି କୋଟି ଟଙ୍କାକୁ ବୃଦ୍ଧି ପାଇଛି । ମିଳିଥିବା ତଥ୍ୟ ଅନୁଯାୟୀ ଗତ ୯ ମାସ ମଧ୍ୟରେ ଏହା ହେଉଛି ସର୍ବାଧିକ ନିବେଶ । ବିଦେଶୀ ପୁଞ୍ଜିନିବେଶକାରୀ ଋଣ ବଜାରରେ ୮୭୭କୋଟି ଟଙ୍କା ବିନିଯୋଗ କରିଛନ୍ତି । ଫଳରେ ଚଳିତମାସରେ ଭାରତୀୟ ପୁଞ୍ଜିବଜାରରେ ମୋଟ୍ ପୁଞ୍ଜିନିବେଶ ୫୮ ହଜାର ୨୩୬କୋଟି ଟଙ୍କା ହୋଇଛି । ଚଳିତବର୍ଷ ଏପର୍ଯ୍ୟନ୍ତ ବିଦେଶୀ ନିବେଶକ ଭରତୀୟ ପୁଞ୍ଜିବଜାରରେ ୨ ଦଶମିକ ୧ ଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶ କରିଥିବା ଜଣାପଡିଛି ।

## ଇସ୍ରାଏଲ ଆଟାକ

ୟେମେନ୍‌ର ହୁତୀ ଆଡ୍ଡାସ୍ଥଳକୁ ଲକ୍ଷ୍ୟ କରି ଇସ୍ରାଏଲ ଗତକାଲିଠାରୁ ଆକାଶମାର୍ଗରେ ଆକ୍ରମଣ ଆରମ୍ଭ କରିଛି । ଏଥିସହ ମଧ୍ୟପ୍ରାଚ୍ୟ ଅଞ୍ଚଳରେ

ସଂଘର୍ଷର ଅନ୍ୟ ଏକ ମାର୍ଗ ଆରମ୍ଭ ହୋଇଛି । ୟେମେନ୍‌ର ହୋଦେଇଦା ବନ୍ଦର ଏବଂ ବିଦ୍ୟୁତ୍ ଶକ୍ତି କ୍ଷେତ୍ର ଉପରେ ଇସ୍ରାଏଲ ପକ୍ଷରୁ ଏକାଧିକ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି । ହୁତୀ ଆତଙ୍କବାଦୀ ସଂଗଠନ ଇରାନ୍ ସହଯୋଗରେ ଇସ୍ରାଏଲ ଉପରେ ଗତ ୨ଦିନ ଧରି ବାରମ୍ବାର ଆକ୍ରମଣ କରିବା ପରିପ୍ରେକ୍ଷୀରେ ଇସ୍ରାଏଲ ସେନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ହୁତୀ ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଏହି ଆକ୍ରମଣରେ ଅତିକମ୍‌ରେ ୪ଜଣଙ୍କର ମୃତ୍ୟୁ ହୋଇଛି । ୨୯ଜଣ ଆହତ ହୋଇଛନ୍ତି । ହୋଦେଇଦା ବନ୍ଦରର ବ୍ୟାପକ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି । ଇସ୍ରାଏଲ ଉପରେ ପାଲେଷ୍ଟିନୀୟଙ୍କ ସପକ୍ଷରେ ହୁତୀ ପକ୍ଷରୁ ବାରମ୍ବାର ଆକ୍ରମଣ କରାଯାଉଥିଲା ବୋଲି ଏହି ସଂଗଠନ ସୂଚନା ଦେଇଛି । ତେଲ୍ ଆବିବ ନିକଟରେ ଥିବା ବେନ୍ ଗୁରିୟା ଆନ୍ତର୍ଜାତିକ ବିମାନ ବନ୍ଦରକୁ ଲକ୍ଷ୍ୟକରି ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲେ ମଧ୍ୟ ଇସ୍ରାଏଲ ତାକୁ ଆକାଶମାର୍ଗରେ ନଷ୍ଟ କରିଥିଲା ।

ଇସ୍ରାଏଲ ସୁରକ୍ଷା ସେନା କହିଛି ଇସ୍ରାଏଲ ନାଗରିକଙ୍କ ପ୍ରତି ଥିବା ସମସ୍ତ ବିପଦ ବିରୋଧରେ ଅଭିଯାନ ଜାରି ରହିବ । ଆଞ୍ଚଳିକ ସ୍ଥିରତାକୁ କ୍ଷୁଣ୍ଣ କରିବା ଏବଂ ବିଶ୍ୱସ୍ତରୀୟ ନୌଚଳାଚଳ ସ୍ୱାଧୀନତାକୁ ବ୍ୟାହତ କରିବା ଲାଗି ହୁତୀ ଆତଙ୍କବାଦୀ ସଂଗଠନ ଇରାନ୍ ସହଯୋଗରେ କାର୍ଯ୍ୟ କରୁଛନ୍ତି ବୋଲି ଇସ୍ରାଏଲ ସେନା ଅଭିଯୋଗ କରିଛି ।

## ପିଏମ୍-କ୍ରିଏଟ ଇନ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଉପରେ ଆଲୋକପାତ କରିବା ସହ ଗେମିଂ, ଆନିମେସନ ଏବଂ ଚଳଚ୍ଚିତ୍ର ନିର୍ମାଣ ଭଳି ସୃଜନଶୀଳ କ୍ଷେତ୍ରରେ ସୁଯୋଗ ବୃଦ୍ଧି ପାଉଥିବା କହିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଗତକାଲି ପ୍ରଧାନମନ୍ତ୍ରୀ ଭାରତର ସୃଜନଶୀଳ ପ୍ରତିଭାର ବିପୁଳ ସମ୍ଭାବନା ଉପରେ ମତ ଦେଇଥିଲେ । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଆୟୋଜନ କରାଯାଉଥିବା 'ଭାରତରେ ପ୍ରସ୍ତୁତ' ଶୀର୍ଷକ ୨୫ଟି ବର୍ଗରେ ଅଂଶଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ସୃଜନଶୀଳ ବ୍ୟକ୍ତି ବିଶେଷଙ୍କୁ ଆହ୍ୱାନ ଦେଇଥିଲେ । ଏଥିପାଇଁ ୱେବ୍ସଇଣ୍ଡିଆ.ଓଆର୍‌ଜି ୱେବ୍‌ସାଇଟ୍ ମାଧ୍ୟମରେ ତଥ୍ୟ ଦାଖଲ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଗତ ଅଗଷ୍ଟ ୨୨ତାରିଖରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀଠାରେ ଭାରତରେ ସୃଷ୍ଟି ଆହ୍ୱାନ ସିଜିନ୍-ୱାନ ଉନ୍ମୋଚନ କରିଥିଲେ । ଆଗାମୀ ବିଶ୍ୱ ଅଡିଓ ଭିଜୁଆଲ ଏବଂ ଏଣ୍ଟରଟେନମେଣ୍ଟ ଶିଖର ସମ୍ମିଳନୀରେ ଏଗୁଡ଼ିକ ପ୍ରଦର୍ଶନ କରାଯିବ । ପ୍ରଧାନମନ୍ତ୍ରୀଙ୍କ 'ଡିଜାଇନ୍ ଇନ୍ ଇଣ୍ଡିଆ-ଡିଜାଇନ୍ ଫର ଦ ୱାର୍ଲ୍ଡ' ପରିକଳ୍ପନା ସହିତ ଯୋଡ଼ିହେବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ବିହାର-ବନ୍ୟା

ବିହାରର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ନେପାଳସ୍ଥିତ କୋଷି ଏବଂ ଗଣ୍ଡକ ବ୍ୟାରେଜ୍‌ରେ ବ୍ୟାପକ ଜଳ ନିଷ୍କାସିତ ହେବାଦ୍ୱାରା ବିହାରର ଅନେକ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି । କୋଷି, ଗଣ୍ଡକ, ବାଗମତି, ମହାନନ୍ଦା, କମଲବାଲନ ଆଦି ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ସୁପୌଲ, ସର୍ହସା, ଅରାରିୟା, କିଶନଗଞ୍ଜ, ମଧୁବନୀ, ପଶ୍ଚିମ ଚମ୍ପାରନ, ପୂର୍ବ ଚମ୍ପାରନ, ଗୋପାଳଗଞ୍ଜ ଆଦି ଅଞ୍ଚଳର ଅନେକ ତଳିଆ ସ୍ଥାନ ପ୍ରଭାବିତ ହୋଇଛି । ୧୬ଟି ଜିଲ୍ଲାର ୪ଲକ୍ଷରୁ ଅଧିକ ଲୋକ ବନ୍ୟା ପ୍ରଭାବିତ ହୋଇଥିବା ଜଣାପଡିଛି । ବନ୍ୟାଜଳ ଯୋଗୁଁ ଭାରତ-ନେପାଳ ସୀମା ନିକଟ କୋଷି ଅଞ୍ଚଳରେ ରେଳସେବା ବାଧାପ୍ରାପ୍ତ ହୋଇଛି ।

ଏହି ପରିସ୍ଥିତିର ମୁକାବିଲା ପାଇଁ ବିହାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଛନ୍ତି । ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଇ ଗତକାଲି ପାଟ୍‌ନାଠାରେ ପରିସ୍ଥିତିର ସମୀକ୍ଷା କରିଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରେ ଏନ୍‌ଡିଆର୍‌ଏଫ୍‌ର ୧୧ଟି ଦଳ ମୁତୟନ କରାଯାଇଥିବାବେଳେ ୮ଟି ସଂରକ୍ଷିତ କରି ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ପରିସ୍ଥିତି ନେଇ ବିହାର କର୍ତ୍ତୃପକ୍ଷଙ୍କ ସହ କେନ୍ଦ୍ର ନିରନ୍ତର ଯୋଗାଯୋଗରେ ରହିଛି । ଆବଶ୍ୟକ ପଡିଲେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟରେ ବାୟୁସେନାର ସହଯୋଗ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ରାଇ ସୂଚନା ଦେଇଛନ୍ତି ।

## ହକି-କନିଷ୍ଠ ମହିଳା ଚାମ୍ପିୟନସିପ୍

ହକି ଭାରତ କନିଷ୍ଠ ମହିଳା ଜାତୀୟ ଚାମ୍ପିୟନସିପ୍ ୨୦୨୪ର ଚତୁର୍ଦ୍ଦଶ ସଂସ୍କରଣ ଆଜିଠାରୁ ଝାଡ଼ଖଣ୍ଡର ରାଞ୍ଚିଠାରେ ଆରମ୍ଭ ହେଉଛି । ଏଥିରେ ୨୬ଟି ଦଳ ଅଂଶଗ୍ରହଣ କରୁଛନ୍ତି । ପ୍ରତ୍ୟେକ ଗ୍ରୁପ୍‌ର ଶୀର୍ଷ ତାଲିକାଭୁକ୍ତ ଦଳ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନିତ ହେବେ । ୭ ତାରିକରେ କ୍ୱାର୍ଟର ଫାଇନାଲ ଏବଂ ୯ ତାରିଖରେ ସେମିଫାଇନାଲ ମ୍ୟାଚ୍ ଖେଳାଯିବ । ଚାମ୍ପିୟନସିପ୍‌ର ଫାଇନାଲ ମ୍ୟାଚ୍ ଆସନ୍ତା ୧୦ ତାରିଖରେ ଅନୁଷ୍ଠିତ ହେବ ।

## ଓ୍ୱାର୍ଲ୍ଡ ଉସୁ ଚାମ୍ପିୟନସିପ୍

ବ୍ରୁନେଇର ବନ୍ଦର ସେରି ବେଗାଓ୍ୱନଠାରେ ଅନୁଷ୍ଠିତ ବିଶ୍ୱ କନିଷ୍ଠ ଉସୁ ଚାମ୍ପିୟନସିପ୍‌ରେ ଭାରତ ୭ଟି ପଦକ ହାସଲ କରିଛି । ସେଥିମଧ୍ୟରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ୪ଟି ବ୍ରୋଞ୍ଜ ପଦକ ରହିଛି । ଭାରତ ପକ୍ଷରୁ ବାଳକ ୪୮କିଲୋଗ୍ରାମ ବର୍ଗରେ ଆରିୟନ ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ସେହିପରି ସୌର୍ଯ୍ୟ ୪୮ କିଲୋଗ୍ରାମ କିଶୋର ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ୨୪ଜଣିଆ ଭାରତୀୟ ଦଳ ଅଂଶଗ୍ରହଣ କରିଥିଲା ।